The Prameya 14th Oct 2017

# ଆଇଆଇଟି ଭୁବନେଶ୍ୱରରେ ହେବ ଉଦ୍ୟୋଗୀ ପାର୍କ

ଭୁବନେଶ୍ୱର, ୧୩।୧୦ (ବ୍ୟୁରୋ) : ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଉଦ୍ୟୋଗୀ ପାର୍କ। ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ ପକ୍ଷରୁ ଏଥିପାଇଁ ଅନୁମତି ମିଳିଛି। ଏହି ପାର୍କ ସାମନ୍ତପୁରୀ କ୍ୟାମ୍ପସ୍‌ରୁ ପରିଚାଳନା ହେବ। ମାତ୍ର ଆଇଆଇଟିର ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ର ୭୦ ଏକର ଜମିରେ ଏହି ପାର୍କ ପ୍ରତିଷ୍ଠା ହେବ। ଯାହାକି ଉଦ୍ୟୋଗୀକରଣ, ଗବେଷଣା ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ। ଏହା କୌଣସି ଲାଭବାନ୍ ସଂସ୍ଥା ହେବ ନାହିଁ, ବରଂ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ହେଉଛି ଏହାର ମୁଖ୍ୟ ଅଭିମୁଖ୍ୟ ବୋଲି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରଦ୍ଦମ୍ ବରଦା ରାଜକୁମାର କହିଛନ୍ତି।

ପ୍ରଫେସର ରାଜକୁମାର କହିଛନ୍ତି, ଉଦ୍ୟୋଗୀକରଣ ଓ ଅଭିନବକରଣକୁ କେବଳ ଆମ ରାଜ୍ୟରେ ନୁହେଁ, ପଡୋଶୀ ରାଜ୍ୟରେ ମଧ୍ୟ ପ୍ରେରିତ କରାଯିବ। ଏଥିପାଇଁ ଏହା ଏକ ନୋଡାଲ୍ ସେଣ୍ଟର ଭାବରେ କାର୍ଯ୍ୟ କରିବ। ପାର୍କଟି ପ୍ରଫେସର ରାଜକୁମାରଙ୍କ ନିର୍ଦ୍ଦେଶରେ ପରିଚାଳିତ ହେବ। ତାଙ୍କୁ ଏକ୍ଷେତ୍ରରେ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଡିନ୍ ପ୍ରଫେସର ଆର୍.କେ. ପଣ୍ଡା ଓ ଷ୍ଟାର୍ଟଅପ୍ ସେଣ୍ଟରର ପିଆଇସି ଡ. ଅନୁଷା ଶର୍ମା ସାହାଯ୍ୟ କରିବେ। ଏହି କାର୍ଯ୍ୟ ପାଇଁ ୪୦ ହଜାର ବର୍ଗଫୁଟ୍ ଅଞ୍ଚଳରେ ଏକ ଇନ୍‌କ୍ୟୁବେସନ୍ ସେଣ୍ଟର୍ ତିଆରି ହେବ।